# NATIONAL NEWS BULLETIN (ODIA)

**7 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଇଣ୍ଡୋନେସିଆର ସର୍ବୋଚ୍ଚ ନାଗିରକ ସମ୍ମାନ 'ବିନ୍‌ତାଙ୍ଗ ଆଦିପୂର୍ଣ୍ଣା'ରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ ସମେତ ବିଭିନ୍ନ କ୍ଷେତ୍ରରେ ସହଭାଗିତା ବୃଦ୍ଧି ନେଇ ଇଣ୍ଡୋନେସିଆ-ଭାରତ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ।

- ଶ୍ରୀ ଅମରନାଥ ଜୀ ଦର୍ଶନ ପାଇଁ ଆଜି ଷଷ୍ଠ ପର୍ଯ୍ୟାୟରେ ଯାତ୍ରା ଆରମ୍ଭ କଲେ ୮ ହଜାରରୁ ଅଧିକ ଶ୍ରଦ୍ଧାଳୁ ।

- କେରଳର କୋଚିଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ବ୍ରିକ୍ସ ମହିଳା ମନ୍ତ୍ରିସ୍ତରୀୟ ସମ୍ମିଳନୀ ।

ଏବଂ

- ଫିଫା ବିଶ୍ୱକପ୍‌ରେ ଆମେରିକାକୁ ୪-୧ରେ ପରାସ୍ତ କରି, କ୍ୱାର୍ଟରଫାଇନାଲରେ ବେଲ୍‌ଜିୟମ ।

---

# ପିଏମ୍-ଇଣ୍ଡୋନେସିଆ ଆୱାର୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ଇଣ୍ଡୋନେସିଆର ସର୍ବୋଚ୍ଚ ନାଗରିକ ସମ୍ମାନ 'ବିନତାଙ୍ଗ ଆଦିପୂର୍ଣ୍ଣା'ରେ ସମ୍ମାନିତ କରାଯାଇଛି । ଏକ ସ୍ୱତନ୍ତ୍ର ସମାରୋହରେ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବଓ ସୁବିଆନ୍ତୋ ଶ୍ରୀ ମୋଦୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଇଣ୍ଡୋନେସିଆ ରାଷ୍ଟ୍ରପତି ଭବନରେ ଔପଚାରିକ ଭାବେ ସ୍ୱାଗତ କରାଯାଇଥିଲା । ଛୋଟ ଛୋଟ ପିଲାମାନେ ଭାରତ ଓ ଇଣ୍ଡୋନେସିଆର ଜାତୀୟ ପତାକା ଧରି ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ । ଉଭୟ ନେତା ଏହି ପରିପ୍ରେକ୍ଷୀରେ ଦ୍ୱିପାକ୍ଷିକ ଆଲୋଚନା କରିଥିବାବେଳେ ଉଭୟଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଇଣ୍ଡୋନେସିଆର ସର୍ବୋଚ୍ଚ ନାଗରିକ ସମ୍ମାନ ପାଇବା ପରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିକ୍ରିୟାରେ କହିଛନ୍ତି ...

**V/O (PM Modi Sanman)**

ଲୋକସଭା ବାଚସ୍ପତି ଓମ୍ ବିର୍ଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ବିର୍ଲା କହିଛନ୍ତି ଏହି ସମ୍ମାନ ଭାରତ-ଇଣ୍ଡୋନେସିଆ ସହଭାଗିତାକୁ ଆହୁରି ଦୃଢ଼ କରିବା ସହ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ସହଯୋଗକୁ ବୃଦ୍ଧି କରିବା ଦିଗରେ ଦୂରଦର୍ଶୀ ନେତୃତ୍ୱକୁ ମାନ୍ୟତା ଦେଉଛି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏହି ସମ୍ମାନ ସମସ୍ତ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି । ଭାରତ ଏବଂ ଆସିଆନ ସମ୍ପର୍କକୁ ମଜଭୁତ କରିବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦୀଙ୍କ ନିରନ୍ତର ପ୍ରୟାସର ଏହା ପ୍ରତିଫଳନ ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ତାଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରିଛନ୍ତି ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଇଣ୍ଡୋନେସିଆ ଭାରତର ପ୍ରମୁଖ ସହଯୋଗୀ ରାଷ୍ଟ୍ର ଭାବରେ ଶାନ୍ତି ଏବଂ ବିକାଶ ଦିଗରେ କାର୍ଯ୍ୟ କରୁଛି ।

## ପିଏମ୍ ଇଣ୍ଡୋନେସିଆ ଏମ୍‌ଓୟୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ ସୁବିଆନ୍ତୋଙ୍କ ସହ ଆଜି ଜାକର୍ତ୍ତାଠାରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଉଭୟ ଦେଶ ମଧ୍ୟରେ ଥିବା ରଣନୈତିକ ଭାଗିଦାରୀକୁ ନୂଆ ଦିଗ ପ୍ରଦାନ କରାଯାଇଛି । ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉଭୟ ନେତା ଉପସ୍ଥିତ ଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ୨୦୧୮ରେ ଗୃହୀତ ବ୍ୟାପକ ରଣନୈତିକ ଭାଗିଦାରୀ ପ୍ରଗତିର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରୁଛି । ଏହା ବିକାଶ, ସୁରକ୍ଷା, ପ୍ରଯୁକ୍ତି, ସଂସ୍କୃତି ଏବଂ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଅଗ୍ରସର ହେଉଥିବା ଜଣାପଡିଛି । ଶ୍ରୀ ମୋଦୀ କହିଛନ୍ତି ଭାରତ-

ଇଣ୍ଡୋନେସିଆ ଭାଗିଦାରୀରେ ଆଜି ଏକ ସୁବର୍ଣ୍ଣ ଅଧ୍ୟାୟ ଆରମ୍ଭ ହୋଇଛି । ଆଗାମୀ ଦିନରେ ଭାରତର ଉଚ୍ଚମାନର ଏବଂ ସୁଲଭ ମୂଲ୍ୟର ଔଷଧ ଇଣ୍ଡୋନେସିଆରେ ସହଜରେ ଉପଲବ୍ଧ ହେବ। ଇଣ୍ଡୋନେସିଆର ଡାକ୍ତର ଏବଂ ପେଶାଦାର ସ୍ୱାସ୍ଥ୍ୟସେବକଙ୍କ ଦକ୍ଷତା ନିର୍ମାଣରେ ଭାରତ ସହଯୋଗ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Indonesia)**

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତରେ ବିକଶିତ ଗହମ ବିହନ ଯୋଗାଣ ଇଣ୍ଡୋନେସିଆର ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବ । ଉଭୟ ଦେଶ ମଧ୍ୟରେ ସ୍ଥାୟୀ କୃଷି ଏବଂ କୃଷିପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ଜ୍ଞାନକୌଶଳ ଆଦାନ ପ୍ରଦାନ କରାଯିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ ଓ ଇସ୍ପାତ କ୍ଷେତ୍ରରେ ଯୋଗାଣ ଶୃଙ୍ଖଳକୁ ସହଜ କରିବା ସହ ଭାରତର ୟୁପିଆଇ ଆଧାରିତ ନେଣଦେଣ ବ୍ୟବସ୍ଥାକୁ ଇଣ୍ଡୋନେସିଆର ନେଣଦେଣ ବ୍ୟବସ୍ଥା ସହ ସମନ୍ୱିତ କରାଯିବ । ଶ୍ରୀ ମୋଦୀ କହିଛନ୍ତି ଯୋଗକାର୍ତ୍ତାରେ ଥିବା ଏକହଜାର ବର୍ଷରୁ ଅଧିକ ପୁରୁଣା ପ୍ରବାନନ ମନ୍ଦିର ଭାରତ ଏବଂ ଇଣ୍ଡୋନେସିଆର ସହଭାଗୀ ସାଂସ୍କୃତିକ ଐତିହର ପ୍ରତୀକ । ଆସନ୍ତାକାଲି ରାଷ୍ଟ୍ରପତି ସୁବିଆନ୍ତୋଙ୍କ ସହ ଯୋଗଦେଇ ସେ ଏହି ପ୍ରାଚୀନ ମନ୍ଦିରର ସଂରକ୍ଷଣ ପ୍ରକଳ୍ପର ଶୁଭାରମ୍ଭ କରିବେ ।

ଜାକର୍ତ୍ତାଠାରେ ଇଣ୍ଡୋନେସିଆ ରାଷ୍ଟ୍ରପତି ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଛନ୍ତି ଦୁଇଦେଶ ମଧ୍ୟରେ ବୃଦ୍ଧିପାଉଥିବା ପାରସ୍ପରିକ ବିଶ୍ୱାସ, ସୁରକ୍ଷା, ପ୍ରତିରକ୍ଷା ଏବଂ ସାମୁଦ୍ରିକ

କ୍ଷେତ୍ରରେ ସହଯୋଗକୁ ମଜଭୁତ କରିଛି । ଉଭୟ ଦେଶ ପ୍ରତିରକ୍ଷା ବିନିମୟ, ବିପର୍ଯ୍ୟୟ ପରିଚାଳନା ସହଯୋଗ ଏବଂ ଶିଳ୍ପ ସହଯୋଗକୁ ବିସ୍ତାର କରିବାକୁ ରାଜି ହୋଇଛନ୍ତି ।

## ଜେକେ-ଅମରନାଥ ଯାତ୍ରା

କଡ଼ା ସୁରକ୍ଷାବଳୟ ମଧ୍ୟରେ ଆଜି ଶ୍ରୀ ଅମରନାଥ ଜୀ ଯାତ୍ରା ଲାଗି ଜାମ୍ମୁର ଭଗବତୀ ନଗର ମୂଳ କ୍ୟାମ୍ପରୁ ଷଷ୍ଠ ପର୍ଯ୍ୟାୟ ତୀର୍ଥଯାତ୍ରୀ ଦଳ ଯାତ୍ରା ଆରମ୍ଭ କରିଛନ୍ତି । ଆମ ଆକାଶବାଣୀ ଜାମ୍ମୁ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ ଏହି ପର୍ଯ୍ୟାୟରେ ୮ହଜାର ୮୧୫ଜଣ ତୀର୍ଥଯାତ୍ରୀ ଯାତ୍ରା କରୁଛନ୍ତି । ସେମନାଙ୍କ ମଧ୍ୟରୁ ୩ହଜାର ୯୮୯ଜଣ ବାଲତାଲ ମାର୍ଗରେ ଯାଉଥିବାବେଳେ ୪ହଜାର ୮୨୬ଜଣ ତୀର୍ଥଯାତ୍ରୀ ପହଲଗାମ ମାର୍ଗରେ ଯାତ୍ରା କରୁଛନ୍ତି । ସୁରୁଖୁରୁରେ ଯାତ୍ରା ସମ୍ପନ୍ନ କରିବା ଲାଗି ୩୬୩ଟି ଯାନ ବ୍ୟବହାର କରାଯାଉଛି । ସ୍ଥାନୀୟ ପୋଲିସ, ସିଆର୍‌ପିଏଫ୍ ଏବଂ ଅନ୍ୟ ସଂସ୍ଥାଗୁଡ଼ିକ ପକ୍ଷରୁ ସମସ୍ତ ମାର୍ଗରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

## ପ୍ରେଜ୍-ଡୁରାଣ୍ଡ କପ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଡୁରାଣ୍ଡ କପ୍ ପ୍ରତିଯୋଗିତା ୨୦୨୬ର ଟ୍ରଫି ଉନ୍ମୋଚନ କରିଛନ୍ତି । ଏହି ଅବସରରେ

ରାଷ୍ଟ୍ରପତି କହିଛନ୍ତି ନୂଆ ଦଳଗୁଡ଼ିକ ଚଳିତବର୍ଷ ଡୁରାଣ୍ଡ କପ୍, ପ୍ରେସିଡେଣ୍ଟ୍ସ କପ୍ ଏବଂ ସିମ୍‌ଲା ଟ୍ରଫି ହାସଲ କରିବା ପାଇଁ ଚେଷ୍ଟା କରିବେ । ଡୁରାଣ୍ଡ କପ୍‌ରେ ଚଳିତବର୍ଷ ଶ୍ରୀଲଙ୍କା ଦଳ ଯୋଗଦେଉଥିବାରୁ ରାଷ୍ଟ୍ରପତି ସନ୍ତୋଷବ୍ୟକ୍ତ କରି କହିଛନ୍ତି ଏହାଦ୍ୱାରା ଐତିହାସିକ ଡୁରାଣ୍ଡ କପ୍ ଆହୁରି ଲୋକପ୍ରିୟ ହୋଇପାରିବ । ଶ୍ରୀମତୀ ମୁର୍ମୁ ସମସ୍ତ ଦଳ ଓ ଖେଳାଳିମାନଙ୍କୁ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଡୁରାଣ୍ଡ କପ୍ କୋଲକାତା, ଗୁଆହାଟୀ, ଇମ୍ଫାଲ ସମେତ ରାଞ୍ଚିରେ ଆୟୋଜନ ନେଇ ଖୁସିବ୍ୟକ୍ତ କରିଛନ୍ତି ।

**V/O (Prez)**

# ବ୍ରିକ୍ସ-ୱିମେନ୍ ମିନିଷ୍ଟରିଆଲ ମିଟ୍

କେରଳର କୋଚିଠାରେ ଆସନ୍ତାକାଲିଠାରୁ ଦୁଇଦିନିଆ ବ୍ରିକ୍ସ ମହିଳା ମନ୍ତ୍ରିସ୍ତରୀୟ ସମ୍ମିଳନୀ ଆରମ୍ଭ ହେବ । କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ମନ୍ତ୍ରୀମାନେ ଯୋଗଦେଇ ମହିଳା କୈନ୍ଦ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରିବେ । ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ଦେଶମାନଙ୍କ ମଧ୍ୟରେ ସମଦୃଷ୍ଟିକୋଣ ତଥା ସହଯୋଗକୁ ଆହୁରି ସୁଦୃଢ଼ କରିବା ଲାଗି ମତ ବିନିମୟ ହେବ । ଏଥିରେ ଯୋଗଦେଉଥିବା ମନ୍ତ୍ରୀମାନେ ସମ୍ମିଳନୀର ନିଷ୍କର୍ଷକୁ କାର୍ଯ୍ୟକାରୀ କରିବା ଲାଗି ପଦକ୍ଷେପ ନେବେ ବୋଲି କୁହାଯାଇଛି ।

ସମ୍ମିଳନୀରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଓ ଅନ୍ୟ ଅଂଶୀଦାରମାନେ ବିଭିନ୍ନ ଅଧିବେଶନରେ ସେମାନଙ୍କ ଅଭିଜ୍ଞତା ବାଣ୍ଟିବା

ସହ ମହିଳା ସଶକ୍ତିକରଣ ଦିଗରେ ସୃଜନଶୀଳ ଗ୍ରହଣୀୟତା ଓ ସହଭାଗିତା ସମ୍ପର୍କରେ ମତ ଉପସ୍ଥାପନ କରିବେ ।

ଗତକାଲି ଓ ଆଜି ବ୍ରିକ୍ସ ମହିଳା କାର୍ଯ୍ୟକାରୀ ଗୋଷ୍ଠୀର ବୈଠକ ପରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ଅନୁଷ୍ଠିତ ବୈଠକରେ ଶାସନ ଓ ନେତୃତ୍ୱରେ ମହିଳା, ମହିଳାମାନଙ୍କ ଡିଜିଟାଲ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ, ମହିଳା ଉଦ୍ୟୋଗିତା, ଦକ୍ଷତା ବିକାଶ ଓ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଏବଂ ଖାଦ୍ୟସୁରକ୍ଷା ଓ ପୋଷଣରେ ମହିଳାଙ୍କ ଭୂମିକା ନେଇ ଆଲୋଚନା ହୋଇଛି ।

# ଫିଫା-ଫୁଟବଲ

ଫିଫା ବିଶ୍ୱକପ୍‌ରେ ବେଲଜିୟମ’ ଆମେରିକାକୁ ୪-୧ ରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି । ଏବେ ବେଲଜିୟମ କ୍ୱାର୍ଟର ଫାଇନାଲରେ ଆସନ୍ତା ଶୁକ୍ରବାର ଦିନ ସ୍ପେନ୍ ବିପକ୍ଷରେ ଖେଳିବ । ପୂର୍ବରୁ ପର୍ତ୍ତୁଗାଲକୁ ୧-୦ରେ ପରାସ୍ତ କରି ସ୍ପେନ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲା । ଅନ୍ୟଏକ ମ୍ୟାଚ୍‌ରେ ଆର୍ଜେଣ୍ଟିନା ଆଜି ରାତିରେ ଇଜିପ୍ଟ ବିପକ୍ଷରେ ଅବତୀର୍ଣ୍ଣ ହେବ । ଭାରତୀୟ ସମୟ ରାତି ୯ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ ।